ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 856/12-12-2020**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୧୨ ଡିସେମ୍ବର,୨୦୨୦**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଭର୍ଚୁଆଲ୍ ମାଧ୍ୟମରେ ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘ (ଫିକି)ର ୯୩ତମ ବାର୍ଷିକ ସାଧାରଣ ବୈଠକରେ ଅନ୍ତର୍ଭୁକ୍ତ 'ପ୍ରେରଣିତ ଭାରତ ନିମନ୍ତେ ଆଶାନ୍ୱିତ ଓଡ଼ିଶା' ଶୀର୍ଷକ ସ୍ୱତନ୍ତ୍ର ଅଧିବେଶନରେ ଉଦ୍‌ବୋଧନ ଦେଇଛନ୍ତି । ବିଗତ ଦୁଇ ଦଶନ୍ଧିର ଓଡ଼ିଶାର ଶିଳ୍ପ ପରିମଣ୍ଡଳ ଓ ପ୍ରଗତି ଉପରେ ଗୁରୁତ୍ୱ ଆରୋପ କରି କହିଛନ୍ତି ଯେ ଓଡ଼ିଶା ଶିଳ୍ପକ୍ଷେତ୍ରରେ ବିଶ୍ୱସ୍ତରୀୟ ଗନ୍ତବ୍ୟ ହେବା ପାଇଁ ରଖିଥିବା ସମ୍ଭାବନା ହାସଲ କରିବାକୁ ପ୍ରସ୍ତୁତ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଂଜିନିବେଶ ପ୍ରୋତ୍ସାହନ, ନୀତିଗତ ପ୍ରସାରଣ, ବିଶେଷକରି ମହିଳା ଓ ଷ୍ଟାର୍ଟଅପ୍‌ଗୁଡ଼ିକ ମଧ୍ୟରେ ଔଦ୍ୟୋଗିକ ଅଗ୍ରଗତି କ୍ଷେତ୍ରରେ ହୋଇଥିବା ବହୁବିଧ ଅଭିବୃଦ୍ଧିରେ 'ଫିକି'ର ସହଯୋଗିତାକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ 'ଫିକି' ତା'ର ୯୦ ବର୍ଷରୁ ଊର୍ଦ୍ଧ୍ୱ ଇତିହାସରେ ଭାରତର ଶିଳ୍ପ ଅଭିବୃଦ୍ଧିରେ ଉଲ୍ଲେଖନୀୟ କାର୍ଯ୍ୟ କରିଅଛି । ପୂର୍ବ ଭାରତର ଉତ୍ପାଦନ ହବ୍ ଭାବରେ ଓଡ଼ିଶା ଦ୍ରୁତ ଗତିରେ ଅଗ୍ରସର ହେଉଥିବା ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତାଙ୍କ ସରକାର ରାଜ୍ୟରେ ପୁଂଜିନିବେଶକମାନଙ୍କ ପାଇଁ ଏକ ଅନୁକୂଳ ବ୍ୟବସାୟିକ ବାତାବରଣ ସୃଷ୍ଟି ଦିଗରେ ସର୍ବଦା ଉଦ୍ୟମ କରିଆସୁଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟରେ ଫଳପ୍ରଦ ପ୍ରଶାସନିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ ସରକାରୀ ସେବା ପାଇବା ପାଇଁ ମୁହାଁମୁହିଁ ସାକ୍ଷାତକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର ଉଲ୍ଲେଖନୀୟ ବୈଷୟିକ ସଂସ୍କାର କାର୍ଯ୍ୟକାରୀ କରୁଛନ୍ତି । ୫-'ଟି' ସୂତ୍ର ଓ 'ମୋ ସରକାର' ପରି ପରିବର୍ତ୍ତନକାରୀ ପଦକ୍ଷେପଗୁଡ଼ିକ ରାଜ୍ୟରେ ଅନୁକୂଳ ବାଣିଜ୍ୟିକ ବାତାବରଣ ସୃଷ୍ଟି ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ବୃତ୍ତିଗତ ଓ ବ୍ୟବହାରଗତ ପରିବର୍ତ୍ତନ ଆଣିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୧୯ ଅପ୍ରେଲ-ସେପ୍ଟେମ୍ବର ମଧ୍ୟରେ ଓଡ଼ିଶା ପୁଂଜିନିବେଶ ଆକୃଷ୍ଟ କରିବାରେ ପ୍ରଥମ ରାଜ୍ୟ ହୋଇପାରିଛି ଏବଂ ଏହି କ୍ଷେତ୍ରରେ ତା'ର ନେତୃତ୍ୱକୁ ଅବ୍ୟାହତ ରଖିବା ପାଇଁ ପ୍ରସ୍ତୁତ ଅଛି । ଓଡ଼ିଶା ପ୍ରତି ନିବେଶକମାନଙ୍କ ଉତ୍ସାହଜନକ ମାନସିକତାକୁ ପ୍ରଶଂସା କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କଠିନ କୋଭିଡ୍ ମହାମାରୀ ସମୟରେ ମଧ୍ୟ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ବିନିଯୋଗ ନିମନ୍ତେ ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଂଜିନିବେଶ ଆକୃଷ୍ଟ କରିବାକୁ ସମର୍ଥ ହୋଇପାରିଛି । ସେ ପୁଣି କହିଛନ୍ତି ଯେ ନିକଟ ଅତୀତରେ ସ୍ୱାସ୍ଥ୍ୟସେବା, ଅକ୍ଷୟ ଶକ୍ତି, ଇସ୍ପାତ୍ ଓ ଆଲୁମିନିୟମ୍ କ୍ଷେତ୍ରରେ

ଆନୁଷଙ୍ଗିକ ଶିଳ୍ପ, ସୂଚନା ପ୍ରଯୁକ୍ତି ଓ ଖାଦ୍ୟ ପ୍ରକ୍ରିୟାକରଣ ପରି ବିଭିନ୍ନ କ୍ଷେତ୍ରରେ ନୂତନ ଶିଳ୍ପ ପ୍ରକଳ୍ପମାନ ଆରମ୍ଭ ହୋଇପାରିଛି । 'ମେକ୍ ଇନ୍ ଓଡ଼ିଶା'ର ଦ୍ୱିତୀୟ ସଂସ୍କରଣର ସଫଳତାରେ 'ଫିକି'ର ଭୂମିକାକୁ ପ୍ରଶଂସା କରିଛନ୍ତି ଓ ଏହାର ତୃତୀୟ ସଂସ୍କରଣରେ ଅନୁରୂପ ସହଯୋଗ ଆଶା କରିଛନ୍ତି ।

- 'ଫିକି'ର ସଭାପତି ଡ. ସଂଗୀତା ରେଡ୍ଡି, ଜେକେ ପେପର ଲିଃର ଶ୍ରୀ ହର୍ଷପତି ସିଂଘାଣିଆ ଓ ଏଚ୍ଏସ୍ଆଇଏଲ୍ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଦୀପ ସୋମାନିଙ୍କ ପରି ଉଦ୍ୟୋଗରଥୀମାନେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱକୁ ପ୍ରଶଂସା କରିବା ସହିତ ଓଡ଼ିଶାରେ ସୁଦୃଢ଼ ଶିଳ୍ପ ସୁଯୋଗ କ୍ଷେତ୍ର ଏବଂ ରାଜ୍ୟରେ ପୁଂଜିନିବେଶ ପାଇଁ ସରକାରଙ୍କଠାରୁ ସହଯୋଗ ବାବଦରେ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ ।

- ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ, ଓଡ଼ିଶା ଶିଳ୍ପ ବିକାଶ ନିଗମ (ଇଡ୍କୋ)ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଇପିକଲ୍ର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ପଦାଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି ସାର୍ବଜନୀନ ସ୍ୱାସ୍ଥ୍ୟ ଅନ୍ତର୍ଭୁକ୍ତି ଦିବସ ଅବସରରେ କହିଛନ୍ତି ଯେ ଓଡ଼ିଶାରେ କୋଣଅନୁକୋଣରେ ସମ୍ମିଳିତ, ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା' ଲକ୍ଷ୍ୟକୁ ସାକାର କରିବା ଆମର ପ୍ରାଥମିକତା । ଏକ ସୁରକ୍ଷିତ ଓ ସୁସ୍ଥ ଭବିଷ୍ୟତ ନିର୍ମାଣ ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ସେ ଦୋହରାଇଛନ୍ତି

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ, ଓଡ଼ିଶା ଇଲେଟସ୍ ଅନ୍ଲାଇନ୍ ନଲେଜ୍ ଏକ୍ସଚେଞ୍ଜ ସମିଟ୍ରେ 'ମୋ ସରକାର' ଓ ୫-'ଟି' ଅଭିଯାନ ନିମନ୍ତେ ମର୍ଯ୍ୟାଦାଜନକ ଉତ୍କର୍ଷ ପୁରସ୍କାର ଲାଭ କରିଥିବାରୁ ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି । ବିଭିନ୍ନ ସେବା ପ୍ରଦାନକୁ ସମୁନ୍ନତ କରିବା ପାଇଁ ପ୍ରଶାସନିକ କାର୍ଯ୍ୟକ୍ରମଗୁଡ଼ିକରେ ବୈଷୟିକ ବିଦ୍ୟାର ଉପଯୋଗକୁ ଏହା ଉତ୍ସାହିତ କରିବ ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ସଫାଇ ମିତ୍ର ୨୪ ଘଣ୍ଟିଆ ହେଲପ୍ଲାଇନ୍ ଆରମ୍ଭ କରିବାରେ ଭୁବନେଶ୍ୱର ମହାନଗର ନିଗମ ଦେଶରେ ପ୍ରଥମ ସହର ହୋଇଥିବାରୁ ନିଗମକୁ ଅଭିନନ୍ଦନ ଜଣାଇଛନ୍ତି । ସେପ୍ଟିକ୍ ଟ୍ୟାଙ୍କ/ବର୍ଜ୍ୟ ଆବର୍ଜନା ସୁରକ୍ଷିତ ନିସ୍ତରଣ ବାବଦରେ ଅଧିକ ତଥ୍ୟ ଓ ବିପଜ୍ଜନକ ସଫେଇ ବାବଦରେ ରହିଥିବା ଅଭିଯୋଗଗୁଡ଼ିକର ପଂଜୀକରଣ ପାଇଁ ଅଧିକ ଜାଣିବାକୁ ଲୋକେ ଏବେ ନିଃଶୁଳ୍କ ନମ୍ବର ୧୪୪୨୦ରେ ଯୋଗାଯୋଗ କରିପାରିବେ ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ବିପଦସଙ୍କୁଳ ସ୍ଥାନ ଅତିକ୍ରମ କରି ଓ ବନ୍ଧୁକ ମୁନରେ ଆପଣାର ଜୀବନକୁ ବାଜି ଲଗାଇ ଓଡ଼ିଶା ପୋଲିସ, ସ୍ପେସାଲ୍ ଅପରେସନ୍ ଗ୍ରୁପ୍ ଓ ସୀମାନ୍ତ ସୁରକ୍ଷା ବାହିନୀ (ବିଏସ୍ଏଫ୍), ଭାରତର ଦଳ ମାଲକାନଗିରି ଜିଲ୍ଲାର ତୋଟାଗୁଡ଼ା ଜଙ୍ଗଲରେ ଆହତ ମାଓବାଦୀଙ୍କୁ ଉଦ୍ଧାରପୂର୍ବକ ପ୍ରଦର୍ଶନ କରିଥିବା ମାନବିକ ଉଦ୍ୟମକୁ ପ୍ରଶଂସା କରିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗର୍ଭଧାରଣ ଓ ପ୍ରସୂତି ପୂର୍ବ ରୋଗ ନିର୍ଣ୍ଣୟ ସମ୍ବନ୍ଧୀୟ ଅଲଟ୍ରାସାଉଣ୍ଡ ପଂଜୀକରଣ ଓ ନବୀକରଣ ପ୍ରକ୍ରିୟାକୁ ସହଜ କରିବା ପାଇଁ ରାଜ୍ୟ ସରକାର http://pndtodisha.gov.in

ୱେବ୍‌ସାଇଟ୍ ଲୋକାର୍ପିତ କରିଛନ୍ତି । ଏହା ଦ୍ୱାରା ଦରଖାସ୍ତ ଦାଖଲଠାରୁ ଆରମ୍ଭ କରି ଟଙ୍କା ପୈଠ ଏବଂ ଦରଖାସ୍ତର ସ୍ଥିତି ନେଇ ସହଜରେ ସୂଚନା ମିଳିପାରିବ ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବାକୁ ୨ଟି ୧୦୮ ବୋଟ୍ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ ହୋଇଛି । ଅତ୍ୟାଧୁନିକ ଯନ୍ତ୍ରପାତି ସମ୍ବଳିତ ଏହି ଆମ୍ବୁଲାନ୍ସ ସେବା ଦ୍ୱାରା ୩୭ଟି ଗ୍ରାମର ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ ।

➢ ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଡିସେମ୍ବର ୧୧ ରୁ ୧୨ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ଗୋଟିଏ ମାମଲା ଦାଏର କରାଯାଇଥିବାବେଳେ ୭ ଜଣ ବ୍ୟକ୍ତିଙ୍କୁ ଗିରଫ, ୫୮୪ ଟି ଗାଡ଼ି ଜବତ ଏବଂ ୧୮,୬୭,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୬୩,୪୫,୭୦୫ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୨୩,୩୬୪ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୧୮,୨୭୮ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୮୦୨ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୩,୨୩୧ ରହିଛି ।
- ୩,୨୩୧ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**